# NATIONAL NEWS BULLETIN (ODIA)

**21 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଚତୁର୍ଥ ବାର୍ଷିକ କ୍ୱାଡ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଆତିଶୀ

- ଶକ୍ତି କ୍ଷେତ୍ରରେ ସହଯୋଗ ସମେତ ଦ୍ୱିପକ୍ଷୀୟ ବାଣିଜ୍ୟ କ୍ଷେତ୍ରର ବିକାଶ ନେଇ ସମୀକ୍ଷା କଲେ ଭାରତ ଓ ବ୍ରାଜିଲ

- ଶ୍ରୀଲଙ୍କାରେ ନୂଆ ରାଷ୍ଟ୍ରପତି ନିମନ୍ତେ ମତଦାନ କରୁଛନ୍ତି ୧ କୋଟି ୭୦ ଲକ୍ଷରୁ ଅଧିକ ମତଦାତା

ଏବଂ

- ଚେନ୍ନାଇରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ବାଂଲାଦେଶ ବିପକ୍ଷରେ ଦ୍ୱିତୀୟ ଇନିଂସ୍‌ରେ ୨୮୭ ରନ୍ ସ୍କୋର କରିଛି ଭାରତ

---

## ପିଏମ୍-ଆମେରିକା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ୩ ଦିନିଆ ଆମେରିକା ଗସ୍ତରେ ଆଜି ଯାତ୍ରା ଆରମ୍ଭ କରିଛନ୍ତି । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଅନେକ ଗୁଡ଼ିଏ ଉଚ୍ଚସ୍ତରୀୟ ବୈଠକରେ ଭାଗ ନେବେ ।

ପ୍ରଧାନମନ୍ତ୍ରୀ ଚତୁର୍ଥ ବାର୍ଷିକ କ୍ୱାଡ ଶିଖର ସମ୍ମିଳନୀରେ ଯୋଗଦେବେ । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଶିଖର ସମ୍ମିଳନୀର ଆୟୋଜନ କରିଛନ୍ତି । ଚତୁର୍ଥ ବାର୍ଷିକ କ୍ୱାଡ ଶିଖର ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ସମସ୍ୟା ନେଇ ଦେଖାଦେଉଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ପ୍ରଧାନମନ୍ତ୍ରୀ କ୍ୱାଡ ସମୂହର ନେତା ଓ ସଦସ୍ୟ ଦେଶଗୁଡ଼ିକର ନେତାମାନଙ୍କ ସମେତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ୨୦୨୫ରେ ଭାରତ କ୍ୱାଡ ଶିଖର ସମ୍ମିଳନୀ ଆୟୋଜନ କରିବ ।

ଆମେରିକା ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିଜ୍ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହ ଆଲୋଚନା ପାଇଁ ସେ ଆଗ୍ରହୀ ଅଟନ୍ତି । ଶ୍ରୀ ମୋଦୀ କହିଛନ୍ତି ଭାରତ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ନିମନ୍ତେ କ୍ୱାଡ ଶିଖର ସମ୍ମିଳନୀର ସଦସ୍ୟ ଦେଶମାନଙ୍କର ସମାନ ଚିନ୍ତାଧାରା ରହିଛି । ଆମେରିକା ରାଷ୍ଟ୍ରପତିଙ୍କ ସହ ଦ୍ୱିପକ୍ଷୀୟ ବୈଠକ ସଂପର୍କରେ ଶ୍ରୀ ମୋଦୀ କହିଛନ୍ତି ଉଭୟ ଦେଶ ମଧ୍ୟରେ ବିଶ୍ୱସ୍ତରୀୟ ରଣନୈତିକ ସହଯୋଗ ଆହୁରି ଦୃଢ଼ ହେବ । ଏହି ଶିଖର ସମ୍ମିଳନୀରେ ଭାଗନେବା ପରେ ପ୍ରଧାନମନ୍ତ୍ରୀ ନିଉୟର୍କରେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧନ

କରିବେ । ଉଭୟ ଦେଶ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ୍ ଏବଂ ସେମିକଣ୍ଡକ୍ଟର ସମେତ ଅନ୍ୟ କେତେକ ପ୍ରସଙ୍ଗ ଉପରେ ସହଯୋଗ ବୃଦ୍ଧି ନେଇ ଆମେରିକାର ପ୍ରମୁଖ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ କହିଛନ୍ତି ସେ ଆମେରିକାର ଉଦ୍ୟୋଗପତି ଏବଂ ବଂଶୋଦ୍ଭବ ଭାରତୀୟମାନଙ୍କ ସହ ଆଲୋଚନା ନିମନ୍ତେ ଆଗ୍ରହୀ ଅଛନ୍ତି ।

ଗସ୍ତର ଶେଷଦିନରେ ସେପ୍ଟେମ୍ବର ୨୩ରେ ପ୍ରଧାନମନ୍ତ୍ରୀ ମୋଦୀ ନିଉୟର୍କରେ ଜାତିସଂଘ ମହାସଭାର ସମ୍ମିଳନୀକୁ ସମ୍ବୋଧନ କରିବେ । ଏହି ସମ୍ମିଳନୀର ବିଷୟ ହେଉଛି **ଉନ୍ନତ ଭବିଷ୍ୟତ ପାଇଁ ବହୁପକ୍ଷୀୟ ସମାଧାନ** । ଏହି ଶିଖର ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ବିଶ୍ୱସ୍ତରରେ ବିଭିନ୍ନ ଦେଶର ସହଯୋଗରେ ସମସ୍ୟାଗୁଡ଼ିକର ସମାଧାନ କରିବା । ସମ୍ମିଳନୀରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରୀୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଜାତିସଂଘ ମହାସଭା ସମ୍ମିଳନୀକୁ ଉଦ୍‌ବୋଧନ ଦେବା ପୂର୍ବରୁ ଶ୍ରୀ ମୋଦୀ ଭାରତୀୟ ବଂଶୋଦ୍ଭବମାନଙ୍କୁ ଉଦ୍‌ବୋଧନ ଦେବେ । ବିଶେଷକରି ସେଠାକାର ଛାତ୍ର ସମାଜ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଣିବା ଲାଗି ଉତ୍ସାହର ସହ ଅପେକ୍ଷା କରିଛନ୍ତି । ନିଉୟର୍କଠାରେ ଅବସ୍ଥାପିତ ଆମ ସମ୍ବାଦଦାତା ସେଠାକାର ଛାତ୍ରମାନଙ୍କୁ କ୍ୱାଡ ଶିଖର ସମ୍ମିଳନୀର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ପରେ ଏହା କହିଛନ୍ତି ।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀ-ଆତିଶୀ

ଆମ୍ ଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଆତିଶୀ ଆଜି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଦିଲ୍ଲୀ ରାଜଭବନରେ

ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ଆତିଶୀ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଶପଥପାଠ କରାଇବେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥଗ୍ରହଣ ଦିନଠାରୁ ଆମଆଦମୀ ପାର୍ଟିର ବରିଷ୍ଠ ନେତ୍ରୀ ଆତିଶୀଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି । ଏଥିସହିତ ୫ଜଣ ମନ୍ତ୍ରୀଙ୍କ ନିଯୁକ୍ତିକୁ ମଧ୍ୟ ରାଷ୍ଟ୍ରପତି ମଂଜୁରୀ ପ୍ରଦାନ କରିଛନ୍ତି । ସେହି ୫ଜଣ ମନ୍ତ୍ରୀ ହେଉଛନ୍ତି ଗୋପାଳ ରାୟ, କୈଳାସ ଗେହଲଟ, ସୌରଭ ଭରଦ୍ୱାଜ, ଇମ୍ରାନ ହୁସେନ ଏବଂ ମୁକେଶ ଅହଲାବତ । କଂଗ୍ରେସର ଶୀଲା ଦୀକ୍ଷିତ ଏବଂ ବିଜେପିର ସୁଷମା ସ୍ୱରାଜଙ୍କ ପରେ ସୁଶ୍ରୀ ଆତିଶୀ ଦିଲ୍ଲୀର ତୃତୀୟ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ।

## ମୋଦୀ-ବିଜେପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିଆଣା ବିଧାନସଭା ନିର୍ବାଚନ ସମୟରେ ଚଳିତମାସ ୨୬ ତାରିଖରେ ମୋ ବୁଥ୍ ସବୁଠାରୁ ମଜବୁତ୍ କାର୍ଯ୍ୟକ୍ରମ ଅଧୀନରେ ବିଜେପିର କର୍ମକର୍ତ୍ତା, ସ୍ୱୟଂସେବକ ଏବଂ ସମର୍ଥକମାନଙ୍କ ସହ ଆଲୋଚନା କରିବେ। ସେହିଦିନ ଅପରାହ୍ନ ୧୨ଟା ୩୦ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନମୋ ଆପ୍ ଜରିଆରେ ଆଲୋଚନା କରିବେ । ଶ୍ରୀ ମୋଦୀ ଏହି ପ୍ରସଙ୍ଗରେ ପ୍ରଶ୍ନ ଓ ପ୍ରସ୍ତାବ ପଠାଇବା ଲାଗି କହିଛନ୍ତି ।

## ସିବିଆଇ-ଲାଲୁ

ରାଷ୍ଟ୍ରୀୟ ଜନତା ଦଳ ନେତା ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବଙ୍କ ବିରୋଧରେ ମାମଲା ରୁଜୁ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିବିଆଇକୁ ଅନୁମତି ମିଳିଛି । ଅନୁମତି ମିଳିବା ପରେ ସିବିଆଇ ଗତକାଲି

ଦିଲ୍ଲୀର ରାଉଜ ଆଭେନ୍ୟୁ କୋର୍ଟରେ ଦସ୍ତାବିଜ ଜମା କରିଥିବା ଜଣାପଡ଼ିଛି । ସିବିଆଇ ଓକିଲ କୋର୍ଟଙ୍କୁ ଜଣାଇଛନ୍ତି ଜମି ବଦଳରେ ଚାକିରି ଦୁର୍ନୀତି ମାମଲାରେ ଅନ୍ୟ ୩୦ ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ଚଲାଇବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି ।

## ସୂଚନା ପ୍ରସାରଣ ରାଜ୍ୟମନ୍ତ୍ରୀ

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ତଥା ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଦେଶରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଗତ ୧୦୦ ଦିନରେ ୧୫ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ଆଜି ଥୁଥୁକୁଡ଼ି ଠାରେ ଡକ୍ଟର ମୁରୁଗାନ କହିଛନ୍ତି ମୌଳିକ ସଂରଚନା ନିର୍ମାଣ ନିମନ୍ତେ ମହିଳାଙ୍କ ନେତୃତ୍ୱରେ ପରିବାର ଗୁଡ଼ିକ ପାଇଁ ୩ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ସେ କହିଛନ୍ତି ତାମିଲନାଡୁର ୧୧ଟି ସହରରେ ଏଫ୍.ଏମ୍. ରେଡିଓ ଷ୍ଟେସନ ସ୍ଥାପନ କରାଯିବ । ରାଜ୍ୟରେ ରେଳବାଇର ବିକାଶ ନିମନ୍ତେ ୬ ହଜାର ୩୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଶ୍ରୀ ମୁରୁଗାନ କହିଛନ୍ତି ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ ବ୍ୟବସ୍ଥା ଲାଗୁ କରିବା ଦ୍ୱାରା ଦେଶର ଅନେକ ଅର୍ଥ ସଂଚୟ କରାଯାଇ ପାରିବ । ତେବେ ଏହି ବିଷୟରେ ଭୁଲ୍ ଧାରଣା ସୃଷ୍ଟି କରୁଥିବା ବିରୋଧୀମାନଙ୍କୁ ସେ ସମାଲୋଚନା କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ସରକାର ରାଜ୍ୟର ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ନିମନ୍ତେ ଅନେକ ଗୁଡ଼ିଏ ଯୋଜନା ଲାଗୁ କରିଛନ୍ତି । ଶ୍ରୀଲଙ୍କାର ଜେଲ୍‌ରେ ଥିବା ଭାରତୀୟ

ମତ୍ସ୍ୟଜୀବୀମାନଙ୍କୁ ମୁକ୍ତ କରିବା ଲାଗି ବିଦେଶ ମନ୍ତ୍ରଣାଳୟ ପଦକ୍ଷେପ ନେଉଥିବା ମନ୍ତ୍ରୀ ଶ୍ରୀ ମୁରୁଗାନ କହିଛନ୍ତି ।

---

## ପୁରୀ–ବ୍ରାଜିଲ ଯାତ୍ରା

ଶକ୍ତି କ୍ଷେତ୍ରରେ ସହଯୋଗ ସମେତ ଦ୍ୱିପକ୍ଷୀୟ ବାଣିଜ୍ୟ କ୍ଷେତ୍ରର ବିକାଶ ନେଇ ଭାରତ ଏବଂ ବ୍ରାଜିଲ୍ ସମୀକ୍ଷା କରିଛନ୍ତି । ବିଶେଷଭାବେ ଜୈବ ଇନ୍ଧନ କ୍ଷେତ୍ରରେ ଯେଭଳି ଦୁଇଦେଶ ମଧ୍ୟରେ ସହଭାଗିତା ବୃଦ୍ଧି ପାଇବ, ସେନେଇ ସମୀକ୍ଷା ହୋଇଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ବ୍ରାଜିଲର ଶକ୍ତିମନ୍ତ୍ରୀ ଆଲେକ୍‌ଜାଣ୍ଡେରା ସିଲ୍‌ବିଏରା ସ୍ଥିତି ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ଜାରି ବାର୍ତ୍ତାରେ ଏହା ଜଣାଇଛନ୍ତି । ଶ୍ରୀ ପୁରୀ ଗତ ଗୁରୁବାର ଦିନ ୩ ଦିନିଆ ବ୍ରାଜିଲ ଗସ୍ତରେ ଯାଇଛନ୍ତି ।

ବୈଠକ ସମୟରେ ଉଭୟ ପକ୍ଷ ବ୍ରାଜିଲରେ ଭାରତୀୟ କମ୍ପାନୀଗୁଡ଼ିକର ଉପସ୍ଥିତି ବୃଦ୍ଧି ନିମନ୍ତେ ସୁଯୋଗ ସୃଷ୍ଟି କରିବା ବିଷୟରେ ଆଲୋଚନା କରିଥିଲେ । ଉଭୟ ଦେଶ ମଧ୍ୟ ଏ କ୍ଷେତ୍ରରେ ପଦକ୍ଷେପ ନେବା ଲାଗି ପ୍ରତିବଦ୍ଧ ବୋଲି କୁହାଯାଇଛି । ଭାରତୀୟ କମ୍ପାନୀଗୁଡ଼ିକ ବ୍ରାଜିଲରେ ବ୍ୟବସାୟ ଆରମ୍ଭ କଲେ ପୁଞ୍ଜି ନିବେଶ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି । ଉଭୟ ନେତା ଭାରତ ଏବଂ ବ୍ରାଜିଲ ମଧ୍ୟରେ ବ୍ୟବସାୟ ବୃଦ୍ଧି ନିମନ୍ତେ ନୂଆ ଉପାୟ ଖୋଜିବା ଲାଗି ସହମତ ହୋଇଛନ୍ତି ।

ବିଶ୍ୱ ଜୈବ ଇନ୍ଧନ ମେଣ୍ଟର ସଂସ୍ଥାପକ ସଦସ୍ୟ ଭାବରେ ଉଭୟ ଦେଶ ଜୈବ ଇନ୍ଧନର ବ୍ୟବହାର ଅଧିକ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କୁହାଯାଇଛି ।

---

## ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ମତଦାନ ଜାରି ରହିଛି । ନୂଆ କାର୍ଯ୍ୟକାରୀ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ୧ କୋଟି ୭୦ ଲକ୍ଷରୁ ଅଧିକ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି । ବର୍ତ୍ତମାନର ରାଷ୍ଟ୍ରପତି ରାନିଲ ବିକ୍ରମା ସିଂଘେ ଏବଂ ବିରୋଧୀ ନେତା ସାଜିଥ୍ ପ୍ରେମଦାସା ଆଜି ସକାଳେ ମତଦାନ କରିଛନ୍ତି । ମତଦାନ କରିବା ପରେ ଶ୍ରୀ ବିକ୍ରମା ସିଂଘେ କହିଛନ୍ତି ଗଣତନ୍ତ୍ରର ସୁରକ୍ଷା କରିବା ଜରୁରୀ ଏବଂ ଏହି ବ୍ୟବସ୍ଥାକୁ କୌଣସି ପ୍ରକାରେ କ୍ଷତି ପହଞ୍ଚାଇବାକୁ ଦିଆଯିବ ନାହିଁ । ଶ୍ରୀ ପ୍ରେମଦାସା କହିଛନ୍ତି ଏହି ରାଷ୍ଟ୍ରପତି ନିର୍ବାଚନରେ ଲୋକତନ୍ତ୍ରର ବିଜୟ ଘଟିବ । ସମସ୍ତ ଭୋଟରଙ୍କୁ ଧୈର୍ଯ୍ୟର ସହ ଗଣତନ୍ତ୍ରର ସମ୍ମାନ ରକ୍ଷା ଲାଗି ଶ୍ରୀ ପ୍ରେମଦାସା ଆହ୍ୱାନ ଦେଇଛନ୍ତି । ଆଜି ସକାଳ ୭ଟାରୁ ୧୩ ହଜାର ୪୦୦ରୁ ଅଧିକ ଭୋଟଗ୍ରହଣ କେନ୍ଦ୍ରରେ ମତଦାନ ଆରମ୍ଭ ହୋଇଛି ଏବଂ ସନ୍ଧ୍ୟା ୪ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ । ଭୋଟ୍ ଗ୍ରହଣ ପରେ ଆଜି ସନ୍ଧ୍ୟାରେ ମତ ଗଣନା ହେବ ବୋଲି ଜଣାପଡ଼ିଛି ।

---

## ପିକେ ମିଶ୍ର ଏନ୍‌ଡିଏମ୍‌ଏ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ବିଭିନ୍ନ କ୍ଷେତ୍ର ଏବଂ ସଂସ୍ଥାନଗୁଡ଼ିକରେ ବୀମା ବ୍ୟବସ୍ଥା ବୃଦ୍ଧି କରିବା ଉଦ୍ଦେଶ୍ୟରେ ରଣନୈତିକ ଦୃଷ୍ଟିକୋଣ ଆପଣାଇବା ଲାଗି କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ

ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ-ଏନ୍‌ଡିଏମ୍‌ଏ ର ଏକ କର୍ମଶାଳାକୁ ସମ୍ବୋଧିତ କରିବା ସମୟରେ ଏହା କହିଛନ୍ତି । ଭାରତ ସମେତ ବିଶ୍ୱର ବିଭିନ୍ନ ଅଞ୍ଚଳରେ ବିପର୍ଯ୍ୟୟ ବୃଦ୍ଧି ପାଉଥିବାରୁ ଡକ୍ଟର ମିଶ୍ର ଚିନ୍ତାବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ବିପର୍ଯ୍ୟୟ କ୍ଷେତ୍ରରେ ହେଉଥିବା କ୍ଷତି, ଗରିବ ପରିବାରଠାରୁ ଆରମ୍ଭ କରି କ୍ଷୁଦ୍ର ଏବଂ ମଧ୍ୟମଧରଣର ଉଦ୍ୟୋଗ ଏବଂ ବହୁରାଷ୍ଟ୍ରୀୟ ସଂଗଠନ ଏବଂ କମ୍ପାନୀ ତଥା ଦେଶ ଏବଂ ରାଜ୍ୟ ସହୁଥିବା କ୍ଷତି ପୂରଣ ଦିଗରେ ଏହା ସହାୟକ ହେବ । ସେ କହିଛନ୍ତି ବିଶ୍ୱସ୍ତରରେ ବିପର୍ଯ୍ୟୟ ପରର ଭିତ୍ତିଭୂମି ନିର୍ମାଣ ନିମନ୍ତେ ବୀମା କ୍ଷେତ୍ରରେ ନୂଆ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଭାରତରେ ଏକ ବୃହତ ବୀମା ବଜାର ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି ।

## ଜେକେ-ନିର୍ବାଚନ ପ୍ରଚାର

ଜାମ୍ମୁ କାଶ୍ମୀର ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରଦାର ହୋଇଛି । ଏହି ପର୍ଯ୍ୟାୟରେ ୬ଟି ଜିଲ୍ଲାର ୨୬ଟି ବିଧାନସଭା ଆସନ ନିମନ୍ତେ ଆସନ୍ତା ୨୫ ତାରିଖରେ ମତଦାନ ହେବ । ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ନିର୍ବାଚନ ପ୍ରଚାର ନିମନ୍ତେ ଗତକାଲି ଜାମ୍ମୁରେ ପହଞ୍ଚିଛନ୍ତି । ସେ ଆଜି ପୁଞ୍ଚ୍, ରାଜୌରୀ ଏବଂ ଜମ୍ମୁ ଜିଲ୍ଲାଗୁଡ଼ିକରେ ୫ଟି ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିବେ । ଆସନ୍ତାକାଲି ଶ୍ରୀ ଶାହା ନୌସେରା ଏବଂ ମାଜଲତାରେ କେତେଗୁଡ଼ିଏ ର୍‍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପ୍ରଚାର କାର୍ଯ୍ୟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା

ଦୁଇଟି ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ପ୍ରଚାର କାର୍ଯ୍ୟରେ ସାମିଲ ହେବେ ।

ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ନ୍ୟାଶନାଲ କନ୍‌ଫରେନ୍ସର ଅଧ୍ୟକ୍ଷ ଡକ୍ଟର ଫାରୁକ୍ ଅବଦୁଲ୍ଲା ଜନସଭା ଗୁଡ଼ିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

## ଜାପାନ-ବର୍ଷା

ଜାପାନରେ ପ୍ରାୟ ୩୦ ହଜାର ଲୋକଙ୍କୁ ଦେଶର ମଧ୍ୟଭାଗରେ ଥିବା ଦୁଇଟି ସହରକୁ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାଲାଗି ନିର୍ଦ୍ଦେଶନାମାରେ କୁହାଯାଇଥିବା ଜଣାପଡ଼ିଛି । ସେଠାକାର ପାଣିପାଗ ବିଭାଗ ପକ୍ଷରୁ ପ୍ରବଳ ବର୍ଷା ଏବଂ ବନ୍ୟା ସ୍ଥିତି ସୃଷ୍ଟି ହେବା ନେଇ ପୂର୍ବାନୁମାନ ପରେ ସରକାର ଏହି ନିର୍ଦ୍ଦେଶ ଦେଇଛନ୍ତି । ଓ୍ୱାଜିମା ସହର ନିକଟବର୍ତ୍ତୀ ୧୮ ହଜାର ଏବଂ ସୁଜୁ ସହରର ୧୨ ହଜାର ଲୋକଙ୍କୁ ହୋସୁ ଦ୍ୱୀପର ଇସିକାବା  ଅଞ୍ଚଳକୁ ଚାଲିଯିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି ।

## ୟୁକ୍ରେନ୍ ଟେଲିଗ୍ରାମ୍

ୟୁକ୍ରେନ୍ ସରକାର ସେଠାକାର ସରକାରୀ କର୍ମଚାରୀ ଏବଂ ସେନା କର୍ମଚାରୀମାନଙ୍କୁ ପ୍ରଦାନ କରିଥିବା ଯୋଗାଯୋଗ ଉପକରଣରେ ଟେଲିଗ୍ରାମ୍ ଆପ୍ ବ୍ୟବହାର କରିବା ଉପରେ ପ୍ରତିବନ୍ଧକ ଜାରି କରିଛନ୍ତି । ରୁଷ୍ ପକ୍ଷରୁ ଟେଲିଗ୍ରାମ୍ ଜରିଆରେ ୟୁକ୍ରେନ୍ ସେନା ଉପରେ ନଜର ରଖାଯାଉଥିବାରୁ ୟୁକ୍ରେନ୍ ସରକାର ଏହି ପଦକ୍ଷେପ ନେଇଛନ୍ତି ।

ଗତକାଲି ସେଠାକାର ଜାତୀୟ ସୁରକ୍ଷା ପରିଷଦ ଏହି ପ୍ରତିବନ୍ଧକ ସଂପର୍କରେ ଘୋଷଣା କରିଥିଲେ । ତେବେ ୟୁକ୍ରେନ୍‌ର ସାଧାରଣ ନାଗରିକ ନିଜ ବ୍ୟକ୍ତିଗତ ଯୋଗାଯୋଗ ଉପକରଣରେ ଟେଲିଗ୍ରାମ୍ ଆପ୍ ବ୍ୟବହାର କରିବା ଲାଗି ନିଜେ ନିଷ୍ପତ୍ତି ଗ୍ରହଣ କରିବେ ବୋଲି କୁହାଯାଇଛି ।

## କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଦ୍ୱିତୀୟ ଇନିଂସରେ ଭାରତ ବାଂଲାଦେଶ ବିପକ୍ଷରେ ୪ ୱିକେଟ୍ ହରାଇ ୨୮୭ ରନ୍ ସ୍କୋର କରିଛି । ଗତକାଲିର ୮୧ ରନ୍‌ରୁ ବ୍ୟାଟିଂ ଆରମ୍ଭ କରି ଭାରତ ଏହି ସ୍କୋର କରିଛି ।ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ବାଂଲାଦେଶ ଦ୍ୱିତୀୟ ଇନିଂସରେ **କୌଣସି ୱିକେଟ ନ ହରାଇ ୩୯ ରନ୍** ସ୍କୋର କରିଛି ।

ଗତକାଲି ଭାରତର ପ୍ରଥମ ଇନିଂସ ସ୍କୋର ୩୭୬ ରନ୍‌ର ଜବାବରେ ବାଂଲାଦେଶ ୧୪୯ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା ।